## ସଂକ୍ଷେପରେ

### କାଳବୈଶାଖୀ ତାଣ୍ଡବ
# ବଜ୍ରପାତ, କାନ୍ଥ ଭୁଶୁଡ଼ି ୪ ଗୁରୁତର

ବାଲେଶ୍ୱର, ୧୧।୫(ମାନସ ବିଶ୍ୱାଳ)-ବାଲେଶ୍ୱର ଜିଲାରେ ଶନିବାର ଅପରାହ୍ନ ୩ଟାରେ ତାଣ୍ଡବ ରଚିଛି କାଳବୈଶାଖୀ। ଏହାର ପ୍ରଭାବରେ ପ୍ରବଳ ଝଡ଼ ତୋଫାନ ଓ ବଜ୍ରପାତ ହୋଇଛି। ବଜ୍ରପାତରେ ବାଲେଶ୍ୱର ଶ୍ରୀକୋଣା ପଞ୍ଚାୟତର ୨ଜଣ ଶିଶୁ ଗୁରୁତର ହେବା ସହ ଜଣେ ମହିଳା ଆହତ ହୋଇଛନ୍ତି। ଦୁଇ ଶିଶୁ ଘର ବାରଣ୍ଡାରେ ଖେଳୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଦୁଇ ଶିଶୁଙ୍କ ଶରୀରର ବିଭିନ୍ନ ସ୍ଥାନରେ ନିଆଁ ଧାସରେ ଜଳିଯାଇଛି। ଦୁଇ ଗୁରୁତରଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ବର୍ଣ୍ଣ ୱାର୍ଡ଼ରେ ଭର୍ତ୍ତି କରାଯାଇଛି। ସେହିଭଳି ଜଣେ ମହିଳା ମଧ ସାମାନ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେହିପରି କାଳବୈଶାଖୀ ପ୍ରଭାବରେ କାନ୍ଥ ପଡ଼ି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଶ୍ରମିକ ହେଉଛନ୍ତି ଗୋଶାଳାପଦା ଅଞ୍ଚଳର ଚମ୍ପା ସୋରେନ। ରେମୁଣା ଭୀମପୁରା ଅଞ୍ଚଳରେ ଏକ ପକ୍କା ଘରେ ଢଳେଇ କାମ ଚାଲୁଥିବା ବେଳେ ହଠାତ ଝଡ଼ ପବନ ଆସିବା ଫଳରେ ନିର୍ମାଣାଧୀନ ପକ୍କା ଘରର କାନ୍ଥ ଭାଙ୍ଗି ମହିଳାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ମହିଳାଜଣକ କାନ୍ଥ ତଳେ ଚାପି ହୋଇ ରହିଯାଇଥିବା ବେଳେ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଛି। ମହିଳା ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ବଜ୍ରପାତରେ ଜଳିଗଲା ଘର
# ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ

ଲଙ୍ଗଳେଶ୍ୱର, ୧୧।୫(କମଳାକାନ୍ତ ଦାସ)-ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଗ୍ରାମରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ହୋଇ ଥିଲା। ସାର୍ଥା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପରିବାରର ସମସ୍ତ ସଦସ୍ୟ ତାଲା ବନ୍ଦ କରି ବିଲକୁ ଧାନ ଅମଳ ପାଇଁ ଯାଇଥିଲେ। ହଠାତ୍ ବର୍ଷା ଆରମ୍ଭ ହେବା ସହ ରାମ ବେହେରାଙ୍କ ଗୋଟିଏ ବଖରା ଚାଳଘର ଉପରେ ବଜ୍ରପାତ ହୋଇଥିଲା। ଫଳରେ ଘରଟି ହୁ ହୁ ହୋଇ ଜଳିବା ସହ ଘର ଭିତରେ ଥିବା ସମସ୍ତ ଆସବାବପତ୍ର, ସୁନାଗହଣା, ନଗଦ ଟଙ୍କା ଏବଂ ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଛି। ବସ୍ତା ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଆନୁମାନିକ ୪ଲକ୍ଷରୁ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ପରିବାର ଲୋକେ କହିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଗୁରୁତର

ସୋର, ୧୧।୫(ଜନ୍ମେଜୟ ମିଶ୍ର): ସୋର ଥାନା ସବିରା ରେଳଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଗୁରୁତର ଆହତ ହୋଇ ପ୍ରଥମେ ସୋର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ସବିରା ପଞ୍ଚାୟତ ରାଧିକା ନଗର ଗ୍ରାମର ମନୋରଞ୍ଜନ ବେହେରା(୫୦) ଶନିବାର ମଧ୍ୟାହ୍ନରେ କୌଣସି କାମରେ ନିକଟସ୍ଥ ରେଳଷ୍ଟେଶନକୁ ଯାଇଥିବା ବେଳେ ଅନ୍ୟମନସ୍କ ହୋଇ ରେଳଧାରଣା ପାର ହେଉଥିଲେ। ଏହି ସମୟରେ ଏକ ମାଲ ଗାଡି ଆସୁଥିବା ସେ ଜାଣି ପାରି ନ ଥିଲେ। ଫଳରେ ଟ୍ରେନ ଡ୍ରାଇଭର ଅମିତ କୁମାର ଆପତ୍‌କାଳୀନ ବ୍ରେକ ମାରିବାରୁ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ଓ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ଟ୍ରେନ ଡ୍ରାଇଭର ଅମିତଙ୍କ ସମେତ ଗାର୍ଡ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉକ୍ତ ଟ୍ରେନକୁ ସୋର ଷ୍ଟେଶନକୁ ଆଣିଥିଲେ। ସେଠାରୁ ୧୦୮ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି।

# ଦିବ୍ୟାଙ୍ଗ ଅସରନ୍ତି, ସୁମନ ଏବେ ଜୀବନସାଥୀ
## କଲେଜ ପଢିବା ବେଳେ କଥା ଦେଇଥିଲେ


ବୈଦିକ ରୀତିରେ ଚାଲିଛି ଅସରନ୍ତି ଓ ସୁମନଙ୍କ ବିବାହ।

ଖଇରା, ୧୧।୫(ଉତ୍କଳବନ୍ଧୁ ପଣ୍ଡା)

କଲେଜରେ ପଢିବା ବେଳେ ଠାରରେ ଠାରରେ ଆରମ୍ଭ ହୋଇଥଲା ପ୍ରେମ। ପ୍ରେମରୁ ଉଭୟ ଉଭୟଙ୍କୁ ନେଇ ସଂସାର ଗଢିବାକୁ ଦେଖିଥିଲେ ସ୍ୱପ୍ନ। ଅନ୍ୟୁନ ୫ବର୍ଷ ଧରି ଚାଲିଥିବା ଏହି ଭଲପାଇବା ଶେଷରେ ବାସ୍ତବ ରୂପ ନେଇଛି। ଶୁକ୍ରବାର ରପେୟା ପଞ୍ଚାୟତ ବାରାପୁର ଗ୍ରାମର ଅସରନ୍ତି ପଣ୍ଡା(୨୫) ଓ ବାଲେଶ୍ୱର ଗୁଆଗଢିଆ ଗ୍ରାମର ସୁମନ ଦାଶ(୨୭) ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।

ଉଭୟେ ଭଦ୍ରକ କଲେଜରେ ପଢିବା ବେଳରୁ ହିଁ ମନ ଦେଇ ବସିଥିଲେ। ଉଭୟ ଦିବ୍ୟାଙ୍ଗ(ବଧିର) ହୋଇଥିବା ବେଳେ ଜୀବନସାଥୀ ହେବାକୁ ନିଷ୍ପତ୍ତି ନେଇଥିଲେ। ଜୀବନସଙ୍ଗିନୀ ଭାବେ ଗ୍ରହଣ କରିବାକୁ ଅସରନ୍ତିଙ୍କୁ କଥାଦେଇଥିବା ଡାକବିଭାଗ କର୍ମଚାରୀ ସୁମନ ଶେଷରେ କଥା ରଖି ବାଜାରୋଷଣି ଓ ବରଯାତ୍ରୀ ସହ ଶୁକ୍ରବାର ରପେୟା ଗ୍ରାମରେ ପହଞ୍ଚି ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରିଥିଲେ। ଉଭୟଙ୍କ ପରିବାର ଲୋକେ ଖୁସି ଜାହିର କରିଛନ୍ତି।

# ଘରକୁ ଘର ବୁଲି ପ୍ରଚାର କଲେ ବିଧାୟକ


ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ପ୍ରଚାର କରୁଛନ୍ତି।

ବାଲେଶ୍ୱର, ୧୧।୫(ମାନସ ବିଶ୍ୱାଳ)

ବାଲେଶ୍ୱର ପୌର ପରିଷଦ ଅଧୀନ ୨୬ ଓ ୩୦ନଂ. ୱାର୍ଡ଼ରେ ଶନିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନ କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ପୌର ପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ରଞ୍ଜନ ବାଗ, ଟାଉନ ସଭାପତି ସନତ ଦାସ, କାଉନସିଲର ସେକ ଆୟୁବ, ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ବିଜେଡି ନାରୀନେତ୍ରୀ ସୁନିଆ ମୁର୍ମୁ, ମନଶ୍ରୀ ଦାସ, ଦୀପ୍ତିରାଣୀ ସାହୁ, ରାଜଲକ୍ଷ୍ମୀ ଚାଟାର୍ଜୀ, ପଙ୍କଜ ଅଗ୍ରୱାଲ, ପ୍ରଦୀପ ଦାସ, ସେକ ଖାଲିକ, ରୁସ୍ତମ ଖାଁ, ଯବାରୁ ଖାଁ, ଚିତ୍ତରଞ୍ଜନ ସେନାପତି, କାହ୍ନୁ ଚରଣ ସାହୁ, ଅକ୍ଷୟ ନାୟକ ଓ କିଶୋର ପ୍ରସାଦ ପ୍ରମୁଖ ସାମିଲ ହୋଇ ବିଜେଡି ପାଇଁ ପ୍ରଚାର କରିଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାକ୍ତନ ଛାତ୍ରମିଳନ

ବାଲେଶ୍ୱର, ୧୧।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଚତୁର୍ଥ ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଙ୍ଗଠନର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ, ଗୌରବ ଓ ପୁରସ୍କାର ଆଣିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଅଧ୍ୟୟନରତ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର ଉନ୍ନତି ପଥରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଓ ବ୍ୟବସାୟ ପରିଚାଳନା ବିଭାଗ ମୁଖ୍ୟ ତଥା ପିଏମ୍‌ଆଇଆର୍ ବିଭାଗର ସଂଯୋଜକ ପ୍ରଫେସର ପଦ୍ମଲିତା ରାଉତରାୟ ଯୋଗଦେଇଥିଲେ। ଏଥିସହିତ ବିଭାଗୀୟ ପତ୍ରିକା ଓ ନ୍ୟୁଜ୍ ଲେଟର ଉନ୍ମୋଚିତ ହୋଇଥିଲା।

ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଭରତ ଭୂଷଣ ସାହୁ, ସମ୍ପାଦିକା ସନ୍ଦେଶ୍ନା ଚିରସ୍ରୋତା ଓ ବିଭାଗର ସେମିନାର ସେକ୍ରେଟେରୀ ଆକାଶ ସାହୁ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। କମର୍ସ-କ୍ୱେଷ୍ଟ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଓ ବାଣିଜ୍ୟ, ପିଏମ୍‌ଆଇଆର୍ ଓ ବ୍ୟବସାୟ ପରିଚାଳନା ବିଭାଗ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଥିଲେ। ବାଣିଜ୍ୟ ବିଭାଗ ସଂଯୋଜକ ଡ. ଆର୍ତ୍ତବନ୍ଧୁ ଜେନା ଅତିଥିମାନଙ୍କୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୟନ୍ତୀ କୁମାରୀ ଓ ଭରତ ଯାଜେଦିଆ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ଗାୟତ୍ରୀ ଗୁହାରାୟ ଧନ୍ୟବାଦ ଅର୍ପଣ କରିଥିଲେ।


ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଜଣେ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି।

### ଗୋବିନ୍ଦପୁର କରତକଳ ଉପରେ ବନବିଭାଗର ଚଢାଉ
# ୫ଲକ୍ଷ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୧୧।୫

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗୋବିନ୍ଦପୁର କରତ କଳ ଉପରେ ଶନିବାର ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୫ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଦୀର୍ଘଦିନ ହେବ ଏହି ଅଞ୍ଚଳରେ ବେଆଇନ କରତକଳ ଚାଲିଥିବା ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଶନିବାର ସକାଳେ ବାଲେଶ୍ୱର ଫରେଷ୍ଟ ଡିଭିଜନର ଏସିଏଫ୍ ସସ୍ମିତା ସାହୁ ଏବଂ ଚାନ୍ଦିପୁର ୱାଇଲ୍ଡଲାଇଫ ଡିଭିଜନର ଏସିଏଫ୍ ଜୟଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଗୋବିନ୍ଦପୁର ଗ୍ରାମରେ ଥିବା ବେଆଇନ କରତକଳ ଉପରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ କରତକଳ ମାଲିକ ଫେରାର ହୋଇଥିବା ବେଳେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଏବଂ ଯନ୍ତ୍ରାଶ ବନବିଭାଗ ଜବତ କରିଛି। ଏହି ଚଢାଉରେ ମାଜିଷ୍ଟ୍ରେଟ ଦାୟିତ୍ୱ ବହନ କରିଥିଲେ ବସ୍ତା ଅତିରିକ୍ତ ତହସିଲଦାର ସ୍ମୃତିରଞ୍ଜନ ଟୁଡୁ, କଷାଫଳ ଫରେଷ୍ଟର ମନୋଜ କୁମାର ଧଡ଼ା, ଲଙ୍ଗଳେଶ୍ୱର ଫରେଷ୍ଟ ସେକ୍ସନ ଦାୟିତ୍ୱରେ ଥିବା ହୃଷିକେଶ ପ୍ରଧାନ, ଲଙ୍ଗଳେଶ୍ୱର ଫରେଷ୍ଟଗାର୍ଡ଼ ସାଗରିକା ସିଂ, ହଂସ୍କରା ଫରେଷ୍ଟ ଗାର୍ଡ଼ ରାମେଶ୍ୱର ମୁର୍ମୁ ସାମିଲ ହୋଇଥିଲେ।

# ବୁଥ୍‌ସ୍ତରରୁ ଦଳକୁ ମଜଭୁତ କରିବାକୁ ଗୁରୁମନ୍ତ୍ର


ବିଧାୟକ ପ୍ରାର୍ଥୀଙ୍କ ସହ ଭାଜପା ନେତୃବୃନ୍ଦ।

ରୂପସା, ୧୧।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ଗଡ଼ପଦା ପଞ୍ଚାୟତରେ ଶନିବାର ଭାଜପାର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଲଛମନଖୁଣ୍ଟାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ତଥା ରାଉତପଡା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର ପୌରୋହିତ୍ୟ କରି ବୁଥ୍‌ସ୍ତରରୁ ଦଳକୁ ମଜଭୁତ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗଦେଇ ବସ୍ତା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ। ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ବସ୍ତା ଏମ୍‌ପି ପ୍ରତିନିଧି ପ୍ରଦୀପ ପଣ୍ଡା, ସଦର ବ୍ଲକ ଏମ୍‌ପି ପ୍ରତିନିଧି ଶୁଭେଶ ନାୟକ, ଭାଜପା ନେତା ହରଗୋପାଳ ସିଂହ ଓ ତପନ ଗିରି, ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି, ପୂର୍ବତନ ସମବାୟ ସମିତି ସଭାପତି ହରେନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ଯୁବ ସଭାପତି ଅଞ୍ଜନ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ୱାର୍ଡସଭ୍ୟା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପଟିଦିଅଁ ଅଙ୍କନ ପାଇଁ ୬ ଜଗନ୍ନାଥ ମନ୍ଦିରରୁ ମିଳିଲା ସ୍ୱୀକୃତି


ପୂଜକଙ୍କଠାରୁ ଚିତ୍ରକର ସ୍ୱୀକୃତି ଗ୍ରହଣ କରୁଛନ୍ତି।

ବାଲେଶ୍ୱର,୧୧।୫(ମାନସ ବିଶ୍ୱାଳ)

ବାଲେଶ୍ୱରର ୬ ଚିତ୍ରକରଙ୍କୁ ଅକ୍ଷୟ ତୃତୀୟା ଅବସରରେ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପରମ୍ପରା ପଟିଦିଅଁ ଅଙ୍କନ ପାଇଁ ୬ଟି ଜଗନ୍ନାଥ ମନ୍ଦିରରୁ ସ୍ୱୀକୃତି ମିଳିଛି। ଜଗନ୍ନାଥ(ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ କେଶୁ ଦାସ, ସୁଭଦ୍ରା (ଭୁବନେଶ୍ୱରୀ) ପାଇଁ ଭବାନୀ ଶଙ୍କର ନାୟକ ଓ ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଦେବାଶିଷ ପତି ବାଲେଶ୍ୱରର ନୀଳଗିରି, ସାଶଙ୍ଗ, ଜୟଦେବ କସବା, ଗଣେଶ୍ୱରପୁର, ରେମୁଣା ଓ ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ପାରମ୍ପରିକ ରୀତିରେ ମନ୍ଦିର ମୁଖ୍ୟ ପୂଜକଙ୍କଠାରୁ ସ୍ୱୀକୃତି ଗ୍ରହଣ କରିଛନ୍ତି। ପଟିଦିଅଁ ଅଙ୍କନ ଉତ୍ସବରେ ଯୋଗଦାନ କରିବାକୁ ଥିବା ଚିତ୍ରକର ଅରୁଣ କୁମାର ବାରିକ, ଗଦାଧର ମହାନ୍ତି, ରୂପକ ଦାସ, ପପୁନ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ନୀଳଗିରିର ଦୀନବନ୍ଧୁ କର, ବ୍ରହ୍ମା ପୁଣ୍ୟଶ୍ଲୋକ ନନ୍ଦ, ବ୍ରହ୍ମା ସରୋଜ ନନ୍ଦ, ଶାସଙ୍ଗର ପ୍ରଭାସ ଦାସ, ବିକାଶ ଦାସ, ଜୟଦେବ କସବାର ବିଜୟ ଶତପଥୀ, ଜୀବନ ଶତପଥୀ, ଗଣେଶ୍ୱରପୁରର ଲକ୍ଷ୍ମୀନାରାୟଣ ପାଣି, ମନୋରଞ୍ଜନ ଦାସ, ଭବାନୀ ଶଙ୍କର ହୋତା, ରେମୁଣା ସତ୍ୟ ପଣ୍ଡା, ରବୀନ୍ଦ୍ର କୁମାର ଚନ୍ଦ, ବାସନ୍ତୀ ଚନ୍ଦ ଓ ଦୁବଲାଗଡ଼ିର ଆରତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗତବର୍ଷ ପରି ଚଳିତବର୍ଷ ଆସନ୍ତା ଜୁନ୍ ୧୭ରୁ ୨୨ତାରିଖ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ୬ଦିନ ଧରି ନୋସି କଲଚ୍ୟୁରାଲ ଏକାଡେମୀ ଦ୍ୱାରା ନୋସି ବିଜିନେସ ପାର୍କର ଉତ୍କଳା ପରିସରରେ ପଟିଦିଅଁ ଅଙ୍କନ ଉତ୍ସବ ଯଥାବିଧି ପାଳନ କରାଯିବ ବୋଲି ପଟିଦିଅଁ ଅଙ୍କନ ଉତ୍ସବର ଆବାହକ ଶିଳ୍ପୀ କେଶୁ ଦାସ ଜଣାଇଛନ୍ତି।

### ପଶ୍ଚିମବଙ୍ଗକୁ ଚାଲାଣ ବେଳେ
# ଗୋରୁଗାଡ଼ି ଉଦ୍ଧାର : ୩ ଗିରଫ

ଜଳେଶ୍ୱର, ୧୧।୫(ରବିନାରାୟଣ ପାତ୍ର)-ଓଡିଶାର ବିଭିନ୍ନ ସ୍ଥାନରୁ ଗୋରୁ ବୋଝେଇ ହେଇ ଟ୍ରକ୍, ପିକ୍‌ଅପ୍, କଣ୍ଟେନରେ ପଶ୍ଚିମବଙ୍ଗ ପଠାଯାଉଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ୬୦ ରାଜପଥରୁ ଏକ ମିନିଟ୍ରକ ସହିତ ୧୫ଟି ଗୋରୁ ଉଦ୍ଧାର କରାଯାଇଛି। ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଖବରପାଇ ଆଇଆଇସି ରଞ୍ଜନ ସେଠୀ ଟୋଲପ୍ଲାଜା ନିକଟରେ ଜଗିଥିଲେ। ଉଦ୍ଧାର ୧୫ ଗୋରୁଙ୍କୁ ବାଲେଶ୍ୱର ଗୋଶାଳାକୁ ପଠାଯାଇଛି। ପୋଲିସ ଏକ ମାମଲା(ନଂ. ୨୫୮/୨୪)ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# କଂଗ୍ରେସର ବିଶାଳ ବାଇକ ରାଲି ଓ ସଭା

ବାଲିଆପାଳ, ୧୧।୫(ଅମୂଲ୍ୟ କୁମାର ଦାସ)

ଏଥର ଜଳେଶ୍ୱରରେ ହେବ ସ୍ୱାଭିମାନର ଲଢ଼େଇ। ବିଶାଳ ବାଇକ ରାଲି ଓ ପରିବର୍ତ୍ତନ ସଭା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରି ବିରୋଧୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥ ସୁଦର୍ଶନ ଦାସ। ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଜଳେଶ୍ୱର ନିର୍ବାଚନମଣ୍ଡଳୀ ପାଉଁଶକୁଲିଠାରେ କଂଗ୍ରେସର ବିଶାଳ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ୫ହଜାରରୁ ଅଧିକ କର୍ମୀ ଯୋଗ ଦେଇଥିଲେ। ଜଳେଶ୍ୱରରେ କଂଗ୍ରେସ ଜିତିଲେ ଏଆଇସିସି ଘୋଷଣା କରିଥିବା ଇସ୍ତାହାର ଗୋଟି କରି ପୂରଣ କରିବେ ବୋଲି ଦୃଢ଼ତାର ସହିତ କହିଛନ୍ତି ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସ। ବାଲେଶ୍ୱରର ବିକାଶ କେବଳ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଏମ୍‌ପି ଥିବା ଶ୍ରୀକାନ୍ତ ଜେନାଙ୍କ ସମୟରେ ହୋଇଛି ବୋଲି ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା କହିଛନ୍ତି। ସମାବେଶରେ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଏବଂ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ୬୦ ନଂ. ଜାତୀୟ ରାଜପଥ ଭେଲୋରାଠାରୁ ଏକ ବିଶାଳ ବାଇକ ରାଲି ବାହାରି ପାଉଁଶକୁଲି ହାଟ ପଡ଼ିଆରେ ଆୟୋଜିତ ପରିବର୍ତ୍ତନ ସମାବେଶରେ ପହଞ୍ଚିଥିଲା। ଉଭୟ ଏମ୍‌ପି ଏବଂ ବିଧାୟକଙ୍କୁ ଭୋଟ ଦେଇ ଜିତାଇବା ପାଇଁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ।

# ବାଲୁକେଶ୍ୱର ପୀଠରେ ଦ୍ୱିବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା, ୧୧।୫(ଉତ୍କଳବନ୍ଧୁ ପଣ୍ଡା)-ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ବାବା ହରନବାବୀସ୍ଥିତ ବାବା ବାଲୁକେଶ୍ୱର ପୀଠରେ ଦ୍ୱିବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ନିକଟସ୍ଥ ଗ୍ରାମଗୁଡିକରୁ ୧୬ ଦମ୍ପତିଙ୍କ ଦ୍ୱାରା ମନ୍ଦିର ପୋଖରୀରୁ କଳସ ଅଣାଯାଇଥିଲା। ଆକାଶ ପଣ୍ଡାଙ୍କ ଦ୍ୱାରା ବାଲୁକେଶ୍ୱରଙ୍କ ନୀତି ପୂଜା କରାଯାଇଥିବା ବେଳେ ପଣ୍ଡିତ ଗୌରଚନ୍ଦ୍ର ପାଠୀ, ଅଶୋକାନନ୍ଦ ଦାଶ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ କୁମାର ପଣ୍ଡା, ଜୟନ୍ତ କୁମାର ପଣ୍ଡା, ରବି ଦାଶ ଓ ବାଦଲ ଶତପଥିଙ୍କ ଦ୍ୱାରା ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପୂର୍ବତନ ପ୍ରଧାନଆଚାର୍ଯ୍ୟ ବୁଦ୍ଧିରାମ ପାଣିଗ୍ରାହୀ ସନ୍ଧ୍ୟାରେ ବ୍ରତୀ ଓ ଗ୍ରାମବାସୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ଯଜ୍ଞ କମିଟି ସଭାପତି ପ୍ରବୀର କୁମାର ବେହେରା, ସମ୍ପାଦକ ଭରତ ଚନ୍ଦ୍ର କଣ୍ଡୁଆଳ ଓ କୋଷାଧ୍ୟକ୍ଷ ଜୟନ୍ତ କୁମାର ପାତ୍ରଙ୍କ ସମେତ ଅଳିପୁର, ହରନବାବୀ, ଭୁଆଁଳଗଡିଆ ଗ୍ରାମର ସମସ୍ତ ଗ୍ରାମବାସୀ ଯଜ୍ଞ କର୍ମ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଗରାଇରେ କୃଷକ ସମାବେଶ, କୃଷକଙ୍କୁ ପ୍ରଶିକ୍ଷଣ

ଭୋଗରାଇ, ୧୧।୫(ପ୍ରଦୀପ ଦାସ)

କୃଷକର ଉନ୍ନତି ହେଲେ ଦେଶର ପ୍ରଗତି ଘଟିବ। ଏଥିପାଇଁ ସରକାର ଓ କୃଷିଭିତ୍ତିକ ଅନୁଷ୍ଠାନ କୃଷି ଓ କୃଷକର ଉନ୍ନତି ସାଧିତ ନିମନ୍ତେ ଆଧୁନିକ ପଦ୍ଧତିରେ ନୂତନ କିସମର ଅଧିକ ଅମଳକ୍ଷମ ଧାନ ବିହନ ଓ ରସାୟନିକ ସାରର ବ୍ୟବହାର, ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଯୋଗାଇ ଆସୁଛନ୍ତି। କୃଷକଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ କିସମର ଉନ୍ନତମାନର ଧାନ ବିହନ, ରାସାୟନିକ ସାରର ବୈଜ୍ଞାନିକ ପଦ୍ଧତି ଓ ପ୍ରୟୋଗ ବିଷୟରେ ଠିକ୍ କାର୍ଯ୍ୟ କଲେ କୃଷିକ୍ଷେତ୍ରରୁ ସୁନାର ଫସଲ ଅମଳ ହୋଇପାରିବ ବୋଲି କୃଷି ବୈଜ୍ଞାନିକମାନେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଟେଂଗ୍ରାମାରୀ ଧାନକ୍ଷେତରେ ସୋମବାର ଅକ୍ଷୟ ତୃତୀୟା ଦିବସ ଉପଲକ୍ଷେ ଆୟୋଜିତ କୃଷକ ସମାବେଶରେ ମତପ୍ରକାଶ କରିଛନ୍ତି।

ଏହି କୃଷକ ସମାବେଶ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ଭିତ୍ତିକ ମହିକୋ ଅନୁଷ୍ଠାନ, କୃଷି ବୈଜ୍ଞାନିକ ସାମନ୍ତ ଝା, ମହେନ୍ଦ୍ର ସିଂ, କୃଷି ପରାମର୍ଶଦାତା ତପନ କୁମାର ଜେନା କୃଷକଙ୍କୁ ଅଧିକ ଅମଳକ୍ଷମ ବିହନ ୫୪ ଆର ୮୦ ଭଳି ଉନ୍ନତ ଧାନ ବିହନ ଉପରେ କୃଷକମାନେ କିପରି ଲାଭବାନ ହେବେ ସେଥିପ୍ରତି ପରାମର୍ଶ ଦେଇଥିଲେ। କୃଷକ ସମାବେଶ ଓ ପ୍ରଶିକ୍ଷଣ ଶିବିରକୁ ସିଦ୍ଧାର୍ଥ ଶଙ୍କର ପ୍ରଧାନ ପରିଚାଳନା କରିଥିଲେ। ସମାବେଶରେ କୃଷକମାନଙ୍କ ସବିଶେଷ ପ୍ରଶିକ୍ଷଣ ଓ କୃଷିକ୍ଷେତ୍ରରେ ଅଧିକ ଅମଳକ୍ଷମ ଧାନ, ରାସାୟନିକ ସାରର ସଦୁପଯୋଗ ବ୍ୟବହାର ହେଲେ କୃଷି ଓ କୃଷକର ଉନ୍ନତି ସାଧିତ ହେବ ବୋଲି କୃଷି ବୈଜ୍ଞାନିକମାନେ ମତପ୍ରକାଶ କରିଥିଲେ। କୃଷକ ସମାବେଶ ଓ ପ୍ରଶିକ୍ଷଣ ଶିବିରରେ ୨ ଶହରୁ ଅଧିକ କୃଷକ ଯୋଗ ଦେଇଥିଲେ।


କୃଷକ ସମାବେଶରେ କୃଷି ବୈଜ୍ଞାନିକମାନେ କୃଷକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

# ପ୍ରଚାର ଆରମ୍ଭ କଲେ ମନ୍ତ୍ରୀ ଅଶ୍ୱିନୀ ପାତ୍ର


ଜଳେଶ୍ୱର ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର।

ଜଳେଶ୍ୱର, ୧୧।୫(ନବୀନ ସାହୁ)

ଜଳେଶ୍ୱର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଜିଲାପାଳଙ୍କ ନିକଟରେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶନିବାର ଲକ୍ଷ୍ମଣନାଥ ଗଡ଼ର ଶ୍ୟାମାଦେବୀଙ୍କ ମନ୍ଦିରରେ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ତାଙ୍କର ସମର୍ଥକମାନଙ୍କ ଗହଣରେ ପୂଜା କରିବା ସହିତ ଦେବୀମା'ଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ଲକ୍ଷ୍ମଣନାଥ ପଞ୍ଚାୟତ ଦୁର୍ଗାପୂଜା ପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ଲକ୍ଷ୍ମଣନାଥ ଗ୍ରାମରେ ନିଜର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ଲକ୍ଷ୍ମଣନାଥ ପଞ୍ଚାୟତ ସମିତି ସଦସ୍ୟ ଜିତେନ୍ଦ୍ର ଦାସ, ବରିଷ୍ଠ ବିଜେଡି ନେତା ହେମନ୍ତ ସାହୁ, ପଞ୍ଚାୟତ ସଭାପତି ସୂର୍ଯ୍ୟାନନ୍ଦ ପାଳ, ଜଳେଶ୍ୱର ବ୍ଲକ ବିଜୁ ଯୁବ ସଭାପତି ବିଶ୍ୱଜିତ ପାଳ, ପୂର୍ବତନ ସରପଞ୍ଚ ବ୍ରଜଗୋପାଳ ରାଉତ, ଦୀନକୃଷ୍ଣ ଗିରି, ଉତ୍କଳ ମହାନ୍ତି, ଶ୍ରୀକାନ୍ତ ଭୂୟାଁ, ବବିତା ଦାସ, ବବିତା ରାଉତ, ନାଏବ ସରପଞ୍ଚ ଲକ୍ଷ୍ମପ୍ରୀୟା ପ୍ରଧାନ ଓ ସରିତା ପାଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ କର୍ମୀ ତଥା ଗ୍ରାମବାସୀ ଥିଲେ।

## ସଂକ୍ଷେପରେ

### ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକୋତ୍ସବ, ସନ୍ନ୍ୟାସୀ ମେଳା

ବାସୁଦେବପୁର,୧୧।୫(ନାରାୟଣ ପ୍ରସାଦ ବାରିକ୍)- ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତର ଛତ୍ରିଆ ଗ୍ରାମସ୍ଥିତ ବାସଙ୍ଗପୁରୀ ସାହିଠାରେ ଲକ୍ଷ୍ମୀନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୮ମ ବାର୍ଷିକୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇ ଶନିବାର ନାମଯଜ୍ଞରେ ସମାପନ ହୋଇଛି। ଗୁରୁବାର ଗୀତାଜ୍ଞାନ ଯଜ୍ଞ ପାଇଁ ଅପରାହ୍ନରେ ଘଟୋତ୍ତଳନ କରାଯିବା ସହ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସନ୍ନ୍ୟାସୀମେଳା ହୋଇଥିଲା। ପ୍ରବଚକ ଭାବେ ସନାତନ ପୁରୀ ଓ ପୂର୍ଣ୍ଣଚନ୍ଦ୍ର ଗିରି ଯୋଗଦେଇ ଆଦିଗୁରୁଙ୍କ ମହିମା ଓ ତାଙ୍କ ବାଣୀ ସମ୍ପର୍କରେ କହିଥିଲେ। ଶୁକ୍ରବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯାଜ୍ଞିକ ପଣ୍ଡିତ ପୁରୁଷୋତ୍ତମ ମିଶ୍ର, ତପନ ପଣ୍ଡା, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତ୍ରୀ ଭାବେ ମେନକା ପୁରୀ ଓ କର୍ତ୍ତା ସନାତନ ପୁରୀ ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଅବସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ଣ୍ଣାହୁତି ପରେ ଗାୟିକା ବନଲତା ପ୍ରଧାନ ଓ ସାଥୀ ପାଲା ପରିବେଷଣ କରିଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

### ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ଧାମନଗର,୧୧।୫(ଦେବେନ୍ଦ୍ର ଆନ୍ଦିଆ)

ଅସୁରାଳିସ୍ଥିତ ଉଚ୍ଚପଦା ଆଇଟିଆଇ ଛକ ନିକଟରେ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଭାଜପା ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଯେଉଁଭଳି ଉତ୍ସାହ ଓ ସମର୍ପିତ ମନୋଭାବ ଧାମନଗରରେ ଭାଜପାକୁ ଆଶାତୀତ ସଫଳତା ଦେବ ବୋଲି ସେ ପ୍ରକାଶ କରିଥିଲେ। ଧାମନଗର ବିଧାନସଭା ସଂଯୋଜକ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପାର ବହୁ ସମର୍ଥକ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ। ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ସ୍ଥାନୀୟ ମଣ୍ଡଳ ସଭାପତି ଅଜୟ କୁମାର ବଳ, ଉପସଭାପତି ସୂରଜ କୁମାର ସାହୁ, ସରପଞ୍ଚ ସରୋଜ କୁମାର ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ସଦାଶିବ ପୋଥାଳ, ପିଣ୍ଟୁ ମହାଳିକ, ତୁଷାର ମିଶ୍ର, ଆଇନଜୀବୀ ଗଣେଶ ଦାଶ, କ୍ଷୀରୋଦ ସ୍ୱାଇଁ, ନିହାର ରଞ୍ଜନ ଦାସ, ଶ୍ରୀକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ହୁନୁକ ମଲ୍ଲିକ, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ଆଇନସେବା ପ୍ରାଧିକରଣ ସହାୟତାରେ ନାବାଳିକାଙ୍କୁ ଥଇଥାନ

ଭଦ୍ରକ,୧୧।୫(ସନାତନ ରାଉତ)- ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ସହାୟତାରେ ଜଣେ ଅସହାୟ ନାବାଳିକାଙ୍କୁ ଥଇଥାନ କରାଯାଇଛି। ପାରାଲିଗାଲ କର୍ମୀ (ସ୍ୱେଚ୍ଛାସେବୀ) ଅନ୍ନପୂର୍ଣ୍ଣା ସାହୁ ଜିଲା ଆଇନସେବା ପ୍ରାଧିକରଣ ନିକଟରେ ଜଣେ ଅସହାୟ ମହିଳାଙ୍କ ଦରଖାସ୍ତ ପହଞ୍ଚାଇଥିଲେ। ଉକ୍ତ ମହିଳାଙ୍କ ୧୩ ବର୍ଷର ଝିଅକୁ ଥଇଥାନ ନିମିତ୍ତ ଦରଖାସ୍ତରେ ଉଲ୍ଲେଖ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ତୁରନ୍ତ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ପଦକ୍ଷେପ ନେବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ଶନିବାର ଉକ୍ତ ନାବାଳିକାଙ୍କୁ ଚରମ୍ପାସ୍ଥିତ ଥଇଥାନ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ରରେ ରହିବା, ପାଠ ପଢ଼ିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

### ସାପ କାମୁଡ଼ାରେ ବୃଦ୍ଧା ମୃତ

ପାଟଣା,୧୧।୫ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ କୁମୂଳାବାହାଳୀ ଗ୍ରାମର ରଜନୀ ବେଷ୍ଟକାର(୭୦)ଙ୍କ ସାପ କାମୁଡ଼ାରେ ଶନିବାର ମୃତ୍ୟୁ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଡାହାଣ ହାତକୁ ସାପ କାମୁଡ଼ି ଦେଇଥିଲା। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଶିଶୁ ଉପରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍

- ମୃତଦେହ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ଗ୍ରାମବାସୀଙ୍କ ମାଡ଼ରେ ଡ୍ରାଇଭର ସମେତ ୩ ଆହତ

ବାସୁଦେବପୁର, ୧୧।୫ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ମନ୍ଦାରୀ ପୋଲ ନିକଟସ୍ଥ ବନ୍ଧମୁଣ୍ଡା ଛକଠାରେ ଶନିବାର ପୂର୍ବାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବାରୁ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ବନ୍ଧମୁଣ୍ଡା ଗାଁର କାହ୍ନୁ ମଲ୍ଲିକଙ୍କ ପୁଅ ସରୋଜ(୫)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରଙ୍କ ସମେତ ୩ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ପିକ୍‌ଅପ୍ ଗାଡ଼ିଟି ବାସୁଦେବପୁରରୁ ବାଲିମୁଣ୍ଡା ଅଞ୍ଚଳକୁ ଯାଉଥିବା ବେଳେ ସରୋଜ ହଠାତ୍ ରାସ୍ତା ଉପରକୁ ଚାଲି ଆସିଥିଲେ। ସରୋଜଙ୍କ ଉପରେ ଗାଡ଼ିଟି ମାଡ଼ିଯାଇଥିଲା। ଏହି


ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଦୁର୍ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ପିକ୍‌ଅପ୍ ଗାଡ଼ିର ଡ୍ରାଇଭର ବାହାବଳପୁର ଗ୍ରାମର ବିଶ୍ୱଜିତ୍ ମାଇତିଙ୍କ ସମେତ କର୍ମଚାରୀ ସୁଦର୍ଶନ ମଣ୍ଡଳ ଓ କଷାଫଳ ମୁହାଣ ଅଞ୍ଚଳର ଗଣେଶ ମାଇତି ଲୋକଙ୍କ ମାଡ଼ରେ ଆହତ ହୋଇଛନ୍ତି। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ସେମାନଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ହେପାଜତକୁ ନେଇଛି। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କଷିଆ ଓ ଚୁଡ଼ାମଣି ସାମୁଦ୍ରିକ ପୋଲିସ ମଧ୍ୟ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

# ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଦେବଦେବୀଙ୍କୁ ଦର୍ଶନ କଲେ ବିଷ୍ଣୁବ୍ରତ


ମନ୍ଦିର ସାମ୍ନାରେ ସମର୍ଥକଙ୍କ ସହ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ।

ତିହିଡ଼ି,୧୧।୫(ସଞ୍ଜିତ ବଳ)

ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଆସନ୍ତା ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବେ। ଏହାପୂର୍ବରୁ ଶନିବାର ସକାଳଠାରୁ ସେ ନିଜ ପଞ୍ଚାୟତ ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁରର ବିଭିନ୍ନ ଗ୍ରାମରେ ଥିବା ଦେବଦେବୀ ପୀଠକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ପଞ୍ଚାୟତର ନିଙ୍ଗାଡ଼ି, ଗୁଡୁପାଳ, ବିଦ୍ୟାଧରପୁର, କାଳିମେଘା, କଞ୍ଚନପୁର, ଝିଙ୍କିରିଆ, ଆରସା, ମୁକୁନ୍ଦପୁର ଆଦି ଗ୍ରାମସ୍ଥିତ ବିଭିନ୍ନ ଦେବଦେବୀଙ୍କୁ ସେ ଦର୍ଶନ କରିଛନ୍ତି। ପ୍ରତ୍ୟେକ ପୀଠରେ ସମର୍ଥକମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ମା’ ଜ୍ୟୋତି ରାଉତରାୟ, ପତ୍ନୀ ରତୁପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ପତି, କୀର୍ତ୍ତନ ରାଉତ, ଅଜୟ ବେହେରା, ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ମହାଳିକ, ପଞ୍ଚାୟତ ସଭାପତି ଗଣେଶ ନାୟକ, ବରିଷ୍ଠ ନେତା ପଦ୍ମଲୋଚନ ପତି, ବୀରେନ୍ଦ୍ର ସାହୁ, ଭୁବନ ମୋହନ ମହାରଣା, ନିତ୍ୟାନନ୍ଦ ବେହେରା ପ୍ରମୁଖ ବିଷ୍ଣୁବ୍ରତଙ୍କ ସହ ପୀଠ ବୁଲିଥିଲେ। ବିଜୟ ମହାଳିକ, ଚିରଞ୍ଜୀବ ମହଲା, ଆରକେଶ ନାୟକ, ୱାର୍ଡସଭ୍ୟା ପ୍ରତିମା ପତି, ଶକୁନ୍ତଳା ପତି, ସୁକାନ୍ତି ପାଢ଼ୀ, ଗୀତାଞ୍ଜଳି ସାହୁ, ପ୍ରେମଲତା ଦାସ, କାଞ୍ଚନ ମହାଳିକ, ମିତାରାଣୀ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ ହୋଇଥିବା ୩ ହଜ୍ ଯାତ୍ରୀ।

ଭଦ୍ରକ,୧୧।୫(ସନାତନ ରାଉତ)

ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ଭଦ୍ରକ ପୁରୁଣାବଜାରସ୍ଥିତ କାର୍ଯ୍ୟାଳୟଠାରେ ୩ ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଇଂ. ହାଜି ମନାୱର ହୋସେନଙ୍କ ସଭାପତିତ୍ୱ, ସମ୍ପାଦକ ଇଂ. ରେଜାଏ ରସୁଲ ଓ ବରିଷ୍ଠ ସଭ୍ୟ ଇଂ. ହବିବୁଲ୍ଲା ଖାଁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଖିଳ ଭାରତୀୟ ଦୁଃଖୀ ସମାଜର ୩ଜଣ ସଦସ୍ୟ ଶେଖ୍ ସବ୍‌ବିର ଅଲ୍ଲି, ମତଲୁବ ହୋସେନ ଖାଁ ଏବଂ ଅବୁ ହୋସେନ ଖାଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

୩ଜଣ ହଜ୍ ତୀର୍ଥ କରିବାକୁ ଭଦ୍ରକରୁ ସାଉଦି ଆରବ ଅଭିମୁଖେ ଚଳିତ ମାସ ବିମାନ ଯୋଗେ ଯାତ୍ରା କରିବେ। ପ୍ରଥମେ ମିଲାଦ ଶରିଫ ପରେ ଫାତେହାଖାନି (ଶିରଣୀ ଭୋଗ) କରାଯାଇଥିଲା। ଜାମା ମସ୍‌ଜିଦ୍‌ର ଏମାମ ହାଫିଜ ଓ କାରୀ ମହମ୍ମଦ ସାଦିକ ହୋସେନଙ୍କ ଉପସ୍ଥିତିରେ ୩ ତୀର୍ଥଯାତ୍ରୀଙ୍କୁ ନୂଆ ବସ୍ତ୍ର ଓ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ହାଜୀ ଅବଦୁଲ ମୁକିତ୍ ଖାଁ, ହାଜି ତବାରକ ଅଲି, ହାଜି କୟୁମ ସାହା, ସେର ଅଲି ଖାନ, ମିର୍ଜା ଫରିଦ ବେଗ, ମିର୍ଜା ଏକ୍ରାମ ବେଗ, ଅଖତର ଅଲି, ଶେଖ୍ ହବିବୁଲ୍ଲା, ଜାୱେଦ ଅଖତର, ମୁସ୍ତାକ ଗୌହର, ଦୟାନ ଜିୟା, ମିର୍ଜା ଏଜାଜ ବେଗ, ଶେଖ୍ ଜୁଲଫୁକାର, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ଶେଖ୍ ଅଖତର, ବୁଲୁ ଭାଇ, ଶେଖ୍ ରାଜା ପ୍ରମୁଖ ଉପସ୍ଥିତ ଥିଲେ।

### ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଭଦ୍ରକ,୧୧।୫(ସନାତନ ରାଉତ/ ରବିନାରାୟଣ ଖିଲାର)

୨୦୧୨ ମେ ୨୯ରେ ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ଆଟୋ ଗ୍ରାମର ଧନେଶ୍ୱର ନାୟକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଅତିରିକ୍ତ ଜିଲା ଜଜ୍ ଆଶିଷ କୁମାର ତ୍ରିପାଠୀ ଶୁକ୍ରବାର ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତ ଧନେଶ୍ୱରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମର ଜଗନ୍ନାଥ ବିଶ୍ୱାଳଙ୍କ ୯ ବର୍ଷର ପୁଅ ବିକାଶଙ୍କୁ ଧନେଶ୍ୱର ଟ୍ରାକ୍ଟର ଚଢ଼ାଇ ମାରି ଦେଇଥିବା ସାବରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଏକ ହତ୍ୟା ମାମଲା (ନଂ.୧୮୬/୧୨) ରୁଜୁ କରାଯାଇଥିଲା। ଏହି ମାମଲା ଅତିରିକ୍ତ ଜିଲା ଜଜ୍ କୋର୍ଟରେ ବିଚାରାଧୀନ ଥିଲା। ୩୦୪ ଦଫାରେ ପୋଲିସ ଚାର୍ଜସିଟ୍ ଦାଖଲ କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅନନ୍ତ ନାରାୟଣ ପଣ୍ଡା, ତାଙ୍କ ସହଯୋଗୀ ଅପୂର୍ବ ରଞ୍ଜନ ବେହେରା ଓ ନୀଳମାଧବ ସେନାପତି ମାମଲା ପରିଚାଳନା କରୁଥିଲେ।

### ଶକ୍ତିପୀଠ ଉତ୍ସବମୁଖର

ବାସୁଦେବପୁର,୧୧।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଞ୍ଚଳର ବିଭିନ୍ନ ଶକ୍ତିପୀଠ ଅକ୍ଷୟ ତୃତୀୟାରେ ଉତ୍ସବମୁଖର ହୋଇଥିଲା। ଭୈରବପୁର ଗ୍ରାମର ମା’ ଭୈରବୀ ଓ ସର୍ବମଙ୍ଗଳାଙ୍କ ପୀଠରେ ସ୍ୱତନ୍ତ୍ର ବାର୍ଷିକ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମା’ଙ୍କୁ ସୁସଜ୍ଜିତ କରାଯିବା ସହ ଗ୍ରାମବାସୀ ମାନସିକ ପୂଜା ମା’ଙ୍କୁ ଅର୍ପଣ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଉତ୍ସବରେ ଯୋଗ ଦେଇଥିଲେ। ସେହିପରି ଦେଉଳୀ ଗ୍ରାମର ମା’ ପରମ ବୈଷ୍ଣବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ସହ ଯଜ୍ଞ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ବିଭିନ୍ନ ଗ୍ରାମରେ ଥିବା ଶକ୍ତିପୀଠ ଓ ଗ୍ରାମଦେବତୀଙ୍କ ପୀଠରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା।

# କଂଗ୍ରେସର ପରିବର୍ତ୍ତନ ସଂକଳ୍ପ ସମାବେଶ



ସମାବେଶରେ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କ ସହ କଂଗ୍ରେସ ନେତା।

ଭଦ୍ରକ,୧୧।୫(ସନାତନ ରାଉତ)

ଏହି ସାଧାରଣ ନିର୍ବାଚନରେ ରାଜ୍ୟ ଏବଂ ଦେଶରେ ପରିବର୍ତ୍ତନ ହେବ। କେନ୍ଦ୍ରରେ ମୋଦୀ ସରକାର ଓ ରାଜ୍ୟରେ ନବୀନ ସରକାରଙ୍କ ମନମୁଖୀ ଶାସନରେ ଜନତା ଅତିଷ୍ଠ ହେଲେଣି। ଭଦ୍ରକ ଜିଲାରେ ମେଡିକାଲ କଲେଜ ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଜିଲାରୁ ନିର୍ବାଚିତ ବିଧାୟକମାନେ ବିଧାନସଭାରେ ଠିକ୍ ଭାବେ ସ୍ୱର ଉଠାଇ ନ ପାରିବାରୁ ଜିଲାବାସୀଙ୍କ ଦାବି ପୂରଣ ହୋଇପାରିଲାନି ବୋଲି ପରିବର୍ତ୍ତନ ସଂକଳ୍ପ ସମାବେଶରେ ଭଦ୍ରକ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି। ଶନିବାର ଚରମ୍ପାସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଏହି ସମାବେଶରେ ଏଥର ସାଧାରଣ ନିର୍ବାଚନରେ ଭଦ୍ରକ ସହ ରାଜ୍ୟ ଓ ଦେଶରେ ନିଶ୍ଚିତ ପରିବର୍ତ୍ତନ ପାଇଁ ସେ ଅନୁରୋଧ କରିଛନ୍ତି।

ସମାବେଶରେ ଜିଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ଆଇନଜୀବୀ ସ୍ୱସ୍ତିକା ପଣ୍ଡା, ପୂର୍ବତନ ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷ ନରନାରାୟଣ ଯେନା, ଅରୁଣ ସାହୁ, ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ପାରିଷଦ ସାହିଲ ଖାନ, ପ୍ରକାଶଜ୍ୟୋତି ମହାକୁଡ଼, ରବୀନ୍ଦ୍ର କୁମାର ରାୟ, ଜିଲା କଂଗ୍ରେସ ସମ୍ପାଦକ ଅରୁଣ କୁମାର ରାଉତଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଂଗ୍ରେସ ସରକାର ଆସିଲେ ଯୁବକ, କୃଷକ, ମହିଳା, ସମସ୍ତେ ଉପକୃତ ହେବା ସହ ବେକାରୀ ସମସ୍ୟା ଦୂର ହେବ ଏବଂ ଧାନର ମୂଲ୍ୟ ବୃଦ୍ଧି ହେବ ବୋଲି ଉପସ୍ଥିତ ନେତାମାନେ କହିଥିଲେ।

# ୨୦୮୪ ମାମଲା ସମାଧାନ

**ରାଷ୍ଟ୍ରୀୟ ଲୋକ ଅଦାଲତ**

ଭଦ୍ରକ,୧୧।୫ (ସନାତନ ରାଉତ)

ଭଦ୍ରକ ଜିଲା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ୨୦୮୪ଟି ମାମଲା ସମାଧାନ କରାଯାଇ ୩ କୋଟି ୮୨ ଲକ୍ଷ ୨୫ ହଜାର ୯୬୩ ଟଙ୍କା ଆଦାୟ କରାଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ୨ କୋଟି ୪୬ ଲକ୍ଷ ୧୫ ହଜାର ଟଙ୍କାରେ ମୋଟର ଯାନ ଦୁର୍ଘଟଣା ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ୩୩ଟି ମାମଲାର ଫଇସଲା କରାଯାଇଛି। ୩୬ ଲକ୍ଷ ୮୨ ହଜାର ୬୭୨ ଟଙ୍କାରେ ୧୩ଟି ଫୌଜଦାରୀ ଓ ୨୯ଟି ଚେକ୍ ବାଉନ୍ସ ମାମଲା ସମାଧାନ ହୋଇଛି। ସେହିପରି ୧୯ଟି ବୈବାହିକ ବିବାଦ, ୧୭୧୧ ରାଜସ୍ୱ ମାମଲା, ୪୪ଟି ଦେୱାନୀ ମାମଲା, ୧୬ଟି ବ୍ୟାଙ୍କ ଋଣ, ବିଏସ୍‌ଏନ୍‌ଏଲ୍ ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୪ଟି ମାମଲାର ସମାଧାନ କରାଯାଇଛି।

# ରମାକାନ୍ତଙ୍କୁ ‘ନାଟ୍ୟ ଭୂଷଣ’ ସମ୍ମାନ

ଭଦ୍ରକ,୧୧।୫(ରବିନାରାୟଣ ଖିଲାର)

ଚରମ୍ପା ପଞ୍ଚାୟତ ଝଟିଆ ଗ୍ରାମର ଶିକ୍ଷାବିତ୍, ସାହିତ୍ୟିକ, ନାଟ୍ୟକାର ଡ. ରମାକାନ୍ତ ନାୟକଙ୍କୁ କେନ୍ଦ୍ରାପଡ଼ା କୋରୋ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ବୁଲନ ଭାଇ ସେବା ସଦନଠାରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସ୍ୱୀକୃତି ପ୍ରଦତ୍ତ ‘ନାଟ୍ୟ ଭୂଷଣ’ ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରକାଶ ଯେ, ୨୦୨୨ରେ ରମାକାନ୍ତ ନାଟକ ‘ରକ୍ତ ପିପାସା’ ଓ ୨୦୨୩ରେ ୪ଟି କ୍ଷୁଦ୍ର ନାଟକକୁ ନେଇ ନାଟ୍ୟ ଗୁଚ୍ଛ ‘ଏବେବି ଧରମା ବଞ୍ଚିଛି’ ବହୁ ଆଲୋଚିତ ହୋଇ ରାଜ୍ୟପାଳଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ତାଙ୍କର ଅନେକ କବିତା ସଂକଳନ ଓ ନାଟକ ଏହା ପୂର୍ବରୁ ପ୍ରକାଶିତ ହୋଇ ସାରସ୍ୱତ ଜଗତରେ ପ୍ରଶଂସିତ ହୋଇଛି। ମୁଖ୍ୟ ଉପଦେଷ୍ଟା ଲୋକସଭା ସଚିବ ଦାଶରଥି ଶତପଥୀ, ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ, ସାହିତ୍ୟିକ ଜୟନ୍ତ କୁମାର ଦାସ, କବି ସଞ୍ଜୟ କୁମାର ରଥ, ରାଜଭବନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ରକ୍ଷକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।


ଡ. ରମାକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଉଛି।

# ଏଥର ଚାପ ଖେଳିପାରିଲେନି ବାବାମଣି

- ଶୁଖିଲା ପଡ଼ିଛି ଶିବଗଙ୍ଗା
- ନିରାଶ ହେଲେ ଭକ୍ତ

ଭଦ୍ରକ,୧୧।୫(ସନାତନ ରାଉତ)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଚନ୍ଦନ ପୂର୍ଣ୍ଣିମା ପାଇଁ ଏଥର ଚାପ ଖେଳ ହୋଇପାରିଲା ନାହିଁ। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ନିରାଶ ଦେଖାଦେଇଛି। ଶିବଗଙ୍ଗା ପୁଷ୍କରିଣୀ ଶୁଖିଲା ପଡ଼ିଥିବାରୁ ବାବା ଚନ୍ଦ୍ରଶେଖରଙ୍କ ଚାପ ଖେଳ ହୋଇପାରିଲା ନାହିଁ। କେବଳ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ଆଖଣ୍ଡଳମଣି ପୀଠରେ ଏବେ ଗ୍ରୀଷ୍ମଋତୁରେ ପାଣି ସମସ୍ୟା ଲାଗି ରହିଛି। ବାବାମଣିଙ୍କ ଦୈନନ୍ଦିନ ପୂଜା ମଧ୍ୟ ପାଇପ୍ ପାଣିରେ କରାଯାଉଛି। ପୀଠରେ ବିକାଶମୂଳକ କାର୍ଯ୍ୟ ଚାଲୁଥିବା ବେଳେ ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ଦୀର୍ଘଦିନ ଧରି ପୋଖରୀକୁ ଶୁଖିଲା ରଖାଯାଇଛି। ପୋଖରୀ ଭିତରେ ଘାସ, ଅନାବନା ଗଛ ମଧ୍ୟ ସୃଷ୍ଟି ହୋଇଗଲାଣି। ୬ ମାସରୁ ଊର୍ଦ୍ଧ୍ୱ ହେବ ପୋଖରୀ ଶୁଖିଲା ପଡ଼ିଥିବାରୁ ସେବା ପୂଜା ସହ ରୋଷେଇ ଶାଳରେ ମଧ୍ୟ ପାଣିର ଅଭାବ ଦେଖାଯାଉଛି।

ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ପ୍ରତ୍ୟେହ ଅପରାହ୍ନରେ ବାବାମଣିଙ୍କ ଚାପଖେଳ କରାଯାଏ। ଏକ ସୁସଜ୍ଜିତ ବୋଇତରେ ବାବା ଚନ୍ଦ୍ରଶେଖରଙ୍କ ବିଗ୍ରହ ରଖାଯାଇ ପୋଖରୀରେ ସେବାୟତମାନଙ୍କ ଦ୍ୱାରା ଚାପଖେଳ କରାଯାଇଥାଏ। ପୋଖରୀ ଚାରିପଟେ ହଜାର ହଜାର ସଂଖ୍ୟାରେ ଭକ୍ତ ଏହି ଚାପ ଖେଳକୁ ଦେଖିଥାନ୍ତି। ଏଥର କିନ୍ତୁ ଏହି ଚାପ ଖେଳ ଦେଖିବାର ସୁଯୋଗ ନ ଥିବାରୁ ଭକ୍ତମାନେ ନିରାଶ ହୋଇଛନ୍ତି। ବୈତରଣୀ ନଦୀରୁ ମାହାରା ଦେଇ ଶିବଗଙ୍ଗା ପୁଷ୍କରିଣୀରେ ପାଣି ଭରି ରହିଥାଏ। ଏହି ପୋଖରୀ ପାଣିରେ ବାବାଙ୍କର ଜଳାଭିଷେକ ହୋଇଥାଏ। ଏଥର ଜାଗର ଯାତ୍ରାରେ ମଧ୍ୟ ବାବାଙ୍କ ଚତୁର୍ଥ ପ୍ରହରର ଜଳାଭିଷେକ ଟ୍ୟାପ୍ ପାଣିରେ ହୋଇଥିଲା। ଏନେଇ ସେବାୟତ ମଣିପ୍ରସାଦ ପାଢ଼ୀ କହିଛନ୍ତି, ପୋଖରୀ ଶୁଖିଲା ଥିବାରୁ ବାବାଙ୍କ ଚାପଖେଳ ହୋଇପାରିଲା ନାହିଁ। କେବଳ ବିଧି ଅନୁସାରେ ଶ୍ରାବଣୀ ମନ୍ଦିରରେ ବାବାଙ୍କ ଷୋଡ଼ଶ ଉପଚାର ବିଧିରେ ପୂଜା କରାଯାଉଛି। ପ୍ରତିବର୍ଷ ହଜାର ହଜାର ଭକ୍ତ ଚାପ ଖେଳ ଦେଖିବା ପାଇଁ ଆସନ୍ତି, ଏଥର ଫିକା ପଡ଼ିଛି।


ଶିବଗଙ୍ଗା ପୋଖରୀ ଶୁଖିଲା ପଡ଼ିଛି।

## ୫୨ ଲିଟର ମଦ ଜବତ, ୩ ଗିରଫ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଅବକାରୀ ପୋଲିସ ବେଆଇନ ଦେଶୀ ମହୁଲି ମଦ ବିକ୍ରି ଅଭିଯୋଗରେ ଶନିବାର ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମୋଟ ୫୨ଲିଟର ମହୁଲି ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ବାଲିବନ୍ଧ ରେଙ୍ଗାଲବେଡ଼ା ସାହିର ସୁଜାତା ମହାନ୍ତ, ମାଧପୁର ଗ୍ରାମର ମିନତୀ ମୁଣ୍ଡା, ଚନ୍ଦ୍ର ମୋହନ ମୁଣ୍ଡା। ଚଢ଼ାଉରେ ଅବକାରୀ ଅଧିକାରୀ ପ୍ରିୟମ୍ବଦା ଓଝା, ଏଏସ୍ଆଇ ପ୍ରସନ୍ନ ପରିଡ଼ା ପ୍ରମୁଖ ସାମିଲ ଥିଲେ।

# ଶୁଖିଗଲାଣି କୁଶେଇ ନଦୀ

ରାମଚନ୍ଦ୍ରପୁର,୧୧।୫(ଗଣେଶର ସା)



କୁଶେଇ ନଦୀ ଶୁଖି ଏକ ପଡ଼ିଆ ଭଳି ଦୃଶ୍ୟମାନ ହେଉଛି।

କେନ୍ଦୁଝର ଜିଲାର ଅନ୍ୟତମ ପ୍ରମୁଖ କୁଶେଇ ନଦୀ ଶୁଖିଗଲାଣି। ନଦୀରେ ପାଣି ନ ଥିବାରୁ ନଦୀର ଶଯ୍ୟା ଓ ଗର୍ଭରେ କାଶତଣ୍ଡୀ ଓ ଅନ୍ୟାନ୍ୟ ଗୁଳ୍ମ ଜାତୀୟ ଗଛ ଉଠି ବଣ, ପଡ଼ିଆର ଭ୍ରମ ସୃଷ୍ଟି କଲାଣି। ଏକଦା ଅଥଳଅଥଳ ପାଣି ଥିବା ଏହି ନଦୀ ଶୁଖିଯିବାରୁ ନଦୀକୂଳ ଚାଷଜମି ମଧ୍ୟ ମରୁଭୂମିର ଭ୍ରମ ସୃଷ୍ଟି କରୁଛି।

ବୈତରଣୀର ଉପନଦୀ ଭାବେ ଜଣାଶୁଣା କୁଶେଇ ହରିଚନ୍ଦନପୁର ବ୍ଲକ୍‌ର ମେଘନାଦ ପାହାଡ଼ରୁ ବାହାରିଛି। ନଦୀ ସହ ଜିଲାର ପ୍ରାଚୀନ ସଂସ୍କୃତି ଯୋଡ଼ିହୋଇଥିବା ବେଳେ ପଞ୍ଚନଦୀ ସଭ୍ୟତା ସହ ସମ୍ପର୍କ ରହିଥିବା କୁହାଯାଉଛି। ହରିଚନ୍ଦନପୁର ବ୍ଲକ୍‌ର ରେବଣା, ପଳାଶପାଳ, ବାରିଗାଁ, ଘସିପୁରା ବ୍ଲକ୍‌ର କରଞ୍ଜିଆପାଳ, ଦେଓଗାଁ, ହାତିଶୀଳା, ସରେଇଁ, ଆନନ୍ଦପୁର ବ୍ଲକର ବେଲବାହାଳି, ଟୋଲଙ୍କପଡ଼ା, ଜଳସୁଆଁ, ନୟାଗଡ଼ ଅତିକ୍ରମ କରି ବାତୋ ଦୋମୁହାଣି ନିକଟରେ ବୈତରଣୀ ନଦୀରେ ମିଶିଛି। ସେହିପରି ଯାଜପୁର ଜିଲାର ବାଙ୍ଗରକୋଟା ତେଲିବେଡ଼ା ନିକଟରେ କୁଶେଇନଦୀରେ ଷେଣ୍ଢେଇ ଓ ରେମାଳ ନଦୀ ମିଶିଛି। ଅଞ୍ଚଳବାସୀଙ୍କ ସ୍ନାନ ଶୌଚ ସହ ଚାଷୀଙ୍କୁ ଚାଷ କାର୍ଯ୍ୟରେ ଏହି ନଦୀର ଜଳ ବେଶ୍ ସହାୟକ ହେଉଥିଲା। ହାତିଶୀଳା ବାଙ୍କ ଓ ଯାଜପୁର ଜିଲା କରଡ଼ାପାଳ ବାଙ୍କରେ ୨ଟି ବଡ଼ ଗଣ୍ଡ ଥିଲା। ସ୍ଥାନୀୟ ମତ୍ସ୍ୟଜୀବୀ ଏଠାରୁ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଏହି ସ୍ଥାନରେ କେବଳ ନଦୀର ବାଲୁକାଶଯ୍ୟା ପଡ଼ିରହିଛି। ଚାରିଆଡ଼େ କାଶତଣ୍ଡୀ ଭରପୂର ହୋଇଯାଇଥିବାରୁ କୁଶେଇ ନଦୀ ଦୃଶ୍ୟମାନ ହେଉନାହିଁ। ୨୦ ନମ୍ବର ଜାତୀୟ ରାଜପଥର ବେଲବାହାଳି ସେତୁ ଉପରୁ ଦେଖିଲେ ନଦୀର କୌଣସି ଚିହ୍ନବର୍ଣ୍ଣ ନ ଥିବା ଭଳି ମନେହେଉଛି।

ଅନ୍ୟପକ୍ଷେ କୁଶେଇ ନଦୀ ଉପରେ ବିଭିନ୍ନ ସ୍ଥାନରେ ୧୦ରୁ ଅଧିକ ସେତୁ ନିର୍ମାଣ କରାଯାଇଛି। ତେବେ ଜଙ୍ଗଲ ଓ ଜନବସତି ମଧ୍ୟ ଦେଇ ୮୩ କି.ମି. ଅତିକ୍ରମ କରିଥିଲେ ମଧ୍ୟ ନଦୀଜଳ ବିନିଯୋଗ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ ହରିଚନ୍ଦନପୁର ବ୍ଲକ୍‌ର ବୁଢ଼ିପଦାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଆନନ୍ଦପୁର ଓ ଘସିପୁରା ବ୍ଲକ୍ ପ୍ରମୁଖ କୃଷି ବହୁଳ ଅଞ୍ଚଳ ହୋଇଥିବା ବେଳେ ବର୍ଷାଜଳ ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ଏଣୁ ଆନନ୍ଦପୁରଠାରେ କୁଶେଇ ନଦୀରେ ଏକ ନଦୀବନ୍ଧ ଯୋଜନା କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଆନନ୍ଦପୁର ଉପଖଣ୍ଡ ସମେତ ଆଖପାଖ ଅଞ୍ଚଳର ଚାଷୀ ଉପକୃତ ହୋଇପାରିବେ। ବର୍ଷ ତମାମ ନଦୀରେ ଜଳ ରହିପାରିବ। ତେଣୁ ଯଥାଶୀଘ୍ର ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରିବାକୁ ଟୋଲଙ୍କପଡ଼ାର ଚାଷୀ ଟୁନା ଘଡ଼େଇ, ବାବୁଲି ଦାସ, ଉପେନ୍ଦ୍ର ଘଡ଼େଇ ଦାବି କରିଛନ୍ତି।

**ଆନନ୍ଦପୁରଠାରେ ନଦୀବନ୍ଧ ନିର୍ମାଣ ଦାବି**

## ତେଲକୋଇରେ କଂଗ୍ରେସର କର୍ମୀ ସମ୍ମିଳନୀ

କେନ୍ଦୁଝର,୧୧।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ୍‌ର ବକ୍ସିବାରିଗାଁଠାରେ ୩୧ ନଂ. ଜିଲ୍ଲା ପରିଷଦ ଜୋନ୍‌ର କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଲୋକସଭା ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ ଯୋଗଦେଇ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ବିଷୟରେ ବୁଝାଇଥିଲେ। ପରେ ବଳଣିପଶୀ, ନିତ୍ୟାନନ୍ଦ ପୁର, ନୂଆଗାଁ, ଧନବେଣୀ, କାବେରୀପଶି, ଅସ୍ତପଙ୍ଗା, ଜୁଙ୍ଗା ଓ ଜଙ୍ଗିରା ଆଦି ଅଞ୍ଚଳରେ ପ୍ରଚାର କାର୍ଯ୍ୟକ୍ରମ କରିଥିଲେ। ପ୍ରଚାରରେ ଜିଲ୍ଲା ଉପସଭାପତି ସୁରଥ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ଲକ୍ଷ୍ମଣ ମହାନ୍ତ, ତେଲକୋଇ ବିଧାନସଭା ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତା ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ବିଧାୟକ ପ୍ରାର୍ଥୀଙ୍କ ସଭା

ପାଟଣା,୧୧।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶିରେ ଶନିବାର ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଜେଡି ବଡ଼ପାଟଣା ସଭାପତି ମହେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ସତ୍ୟବ୍ରତ ନାଏକ, ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ଜିଲା କୃଷକ ସେଲ ସଭାପତି ଦୀପକ ରାଜ, ଜିଲା ବିଜେଡି ସମ୍ପାଦକ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ବିଜୁ ଜନତା ଦଳର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ଦେଇଥିବା ନିର୍ବାଚନୀ ଇସ୍ତାହାର ବିଷୟରେ ଆଲୋକପାତ କରି ଭୋଟ ମାଗିଥିଲେ। ଏ ଅବସରରେ ଅଜୟ କୁମାର ଦାଶ, ଭବେଶ କୁମାର ତ୍ରିପାଠୀ ଅନ୍ୟ ଦଳ ତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ।

## ବାବା ଗ୍ରହରାଜଙ୍କ ପୂଜାର୍ଚ୍ଚନା

ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ ) /ରାମଚନ୍ଦ୍ରପୁର(ଗଣେଶ୍ୱର ସା)/ ବଉଳା(ଦୁର୍ଗା ପ୍ରସାଦ ଆୟଚ),୧୧।୫

କେନ୍ଦୁଝର ଜିଲା ଆନନ୍ଦପୁରର ମଙ୍ଗଳପୁର, ଟୋଲଙ୍କପଡ଼ା, ଜଳସୁଆଁ, ବେଲବାହାଳି ଗ୍ରାମରେ ବାବା ଗ୍ରହରାଜ ଶନିଶ୍ଚରଙ୍କ ପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁରରେ ଶନିଶ୍ଚରଙ୍କ ପୂଜା ଉତ୍ସବରେ ଆନନ୍ଦପୁର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ସ୍ୱାଧୀନ ପ୍ରାର୍ଥିନୀ ଝାନ୍ସିରାଣୀ ଦାସ ଯୋଗଦେଇ ଆଶିଷ ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ କର୍ତ୍ତାଭାବେ ନିରଞ୍ଜନ ଘଡ଼ାଇ ତୁଲାଇ ଥିବା ବେଳେ ଗ୍ରାମର ଯୁବପିଢ଼ି ସହଯୋଗ କରିଥିଲେ। ସେହିପରି ଆନନ୍ଦପୁର ରିଂ ରୋଡ଼ସ୍ଥିତ ଶନିଶ୍ଚର, ଥାନା ନିକଟସ୍ଥ ଶନିଶ୍ଚର ମନ୍ଦିର, ଫକୀରପୁର, ଓ ଶୈଳଙ୍ଗରେ ଥିବା ମନ୍ଦିରଗୁଡ଼ିକରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ହାଟଡିହୀ ବ୍ଲକ୍ ଅଧୀନ ଝୁଣାବାଡ଼ି ଓ ବହୁ ପୁରାତନ ମୋଟରା ଗଡ଼ିଆଠାରେ ଥିବା ଶନିଦେବଙ୍କ ମନ୍ଦିରରେ ୩୦ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ମୋଟରା ଗଡ଼ିଆଠାରେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନା ଓ ଭାଜପା ପ୍ରାର୍ଥୀ ଆଲୋକ ସେଠୀ ପ୍ରମୁଖ ଶନିଶ୍ଚର ମନ୍ଦିରରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିଥିଲେ।

## ଖବର ପ୍ରକାଶ ପରେ ନିର୍ମାଣ ହେଲା

**୨ ମାସ ହେଲା ରାସ୍ତା ଖୋଲି ଛାଡ଼ିଥିବା ଘଟଣା**

ହାଟଡ଼ିହୀ,୧୧।୫(ପାର୍ଥ ସୌରଭ ସା)



କେନ୍ଦୁଝର ଜିଲା ଛେନାପଦି-ହଦଗଡ଼ ରାସ୍ତାର ପୋଲ ସଂଯୋଗୀକରଣ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଠିକାଦାର ଖୋଳିଦେଇ ଛାଡ଼ି ଦେଇଥିଲେ। ଏ ନେଇ ଗତ ୫ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୨ ଦିନ ଭିତରେ ଏହି ରାସ୍ତା ନିର୍ମାଣ କରାଯାଇଛି।

ପ୍ରକାଶ ଯେ, ପୂର୍ତ୍ତ ବିଭାଗ ଅଧୀନରେ ଥିବା ଛେନାପଦି – ହଦଗଡ଼ ରାସ୍ତାଟି ଜିଲାର ଏକ ପ୍ରମୁଖ ରାସ୍ତା ଭାବେ ପରିଗଣିତ ହୋଇଥାଏ। ଏହା ଉପରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ୧୦ ପଞ୍ଚାୟତ ସମେତ ଭଦ୍ରକ ଓ ବାଲେଶ୍ୱର ଜିଲାର ଅନେକ ହଜାର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ଗତ ୨ ମାସ ହେଲା ରାସ୍ତାର ଛେନାପଦି ଗାଁ ନିକଟରେ ଥିବା ପୋଲ ସଂଯୋଗୀ କରଣ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଠିକାଦାର ଖୋଳିଦେଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ତରବରିଆ ଭାବେ କଂକ୍ରିଟ ଢଳେଇ ପକାଇ କାମ କରୁଛି। କିନ୍ତୁ ସବ୍‌ବେଶକୁ ରୋଲିଂ କରାଯାଇ ନ ଥିବାରୁ ରାସ୍ତାର ସ୍ଥାୟୀତ୍ୱ ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ କେଳୁ ଚରଣ ଦଳେଇ କହିଛନ୍ତି, କ'ଣ କାମ ହୋଇଛି ତାହା ଦେଖିବା ପରେ କହିହେବ।

## ବସନ୍ତପୁର ପଞ୍ଚାୟତରେ ମୋହନଙ୍କ ପ୍ରଚାର

କେନ୍ଦୁଝର,୧୧।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବସନ୍ତପୁର ପଞ୍ଚାୟତର ବିଭିନ୍ନ ଗାଁ ଏବଂ ସାହିରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଶନିବାର ପ୍ରଚାର କରିଛନ୍ତି। ଭାଜପାର ନେତୃବୃନ୍ଦ ଏବଂ ସମର୍ଥକଙ୍କ ସହିତ ବସନ୍ତପୁର, ବସନ୍ତପୁର ନାୟକ ସାହି, ପେଣ୍ଡେଇ ସାହି, କାଇଯୋଡ଼ା, କାଇଯୋଡ଼ା ପୁରୁଣା ସାହି, ଜଲଡି, ରୁଗୁଡି ସାହି ଏବଂ ନଈବୁଗା ଗ୍ରାମରେ ସଭା କରି ସ୍ଥାନୀୟ ଲୋକଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ଭାଜପାର ବାଇକ୍ ରାଲି, ମିଶ୍ରଣ ପର୍ବ

ପାଟଣା,୧୧।୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖରି ପଞ୍ଚାୟତ ମଲ୍ଲିପଶି ବଜାରରୁ ଶନିବାର ଭାଜପାର କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ପାଟଣା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକ ଏକ ବାଇକ ରାଲି କରିଛନ୍ତି। ୭ କି.ମି. ପର୍ଯ୍ୟନ୍ତ ପାଟଣା ମୁଖ୍ୟାଳୟକୁ ରୋଡ୍ ଶୋରେ ଆସି ପଦ୍ମ ଫୁଲଚିହ୍ନରେ ଭୋଟ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆଣିବାକୁ ଲୋକଙ୍କୁ ନିବେଦନ କରିଥିଲେ। ପରେ ପାଟଣା ବ୍ୟାଙ୍କ ଛକ ପଡ଼ିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଯୋଗଦେଇ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାରଙ୍କ ଉପରେ ଜନ ଆକ୍ରୋଶ ବୃଦ୍ଧି ପାଇଛି। ଏଣୁ ସରକାରର ପଟ ପରିବର୍ତ୍ତନ ହେବା ସୁନିଶ୍ଚିତ। ଏଥର ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ପାଇଁ ଭାଜପା କେନ୍ଦୁଝର ଏମ୍‌ପି ଓ ପାଟଣା ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଉପସ୍ଥିତି ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ କରୁଣା ସାଗର ଖଟୁଆ, ପରମେଶ୍ୱର ପୃଷ୍ଟି, ଶରତ ଚନ୍ଦ୍ର ଦଳେଇ, ପ୍ରକାଶ ସେଠୀ, ବିକାଶ ସେଠୀ, ଧୃତୀ ସୁନ୍ଦର ସେଠୀଙ୍କ ସମେତ ବହୁ ଅନ୍ୟ ଦଳର କର୍ମୀ ଭାଜପାରେ ଯୋଗଦେଇଛନ୍ତି। ସମସ୍ତଙ୍କୁ ଭାଜପା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ପାଟଣା ଭାଜପା ବିଧାୟକ ପ୍ରାର୍ଥୀ ଦଳୀୟ ଟୋପି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ବଜ୍ରପାତରେ ୨ ଆହତ

ଯୋଡ଼ା,୧୧।୫(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ମହାଦେବନସା ଧରଣୀଧର ଛକ ନିକଟରେ ଶନିବାର ବଜ୍ରପାତରେ ୨ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ଜଜ କ୍ୟାମ୍ପ ଅଞ୍ଚଳର ସନାତନ ପୂର୍ତ୍ତି, ମୂର୍ଗବେଡ଼ା ଅଞ୍ଚଳର ଭୀମସେନ ପାତ୍ର। ଦୁହେଁ ସ୍ଥାନୀୟ ଅଞ୍ଚଳର ଏକ କମ୍ପାନୀରେ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ବର୍ଷା ହେବାରୁ ରାସ୍ତା କଡ଼ ଗଛ ମୂଳେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତର ଶିକାର ହୋଇଥିଲେ। ବିଲେଇପଦା ଫାଣ୍ଡି ପୋଲିସ ପହଞ୍ଚି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ଭୀମସେନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚମ୍ପୁଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ୧୧୩୫୯ ମାମଲାରୁ ୩ କୋଟି ୭୬ ଲକ୍ଷ ଆଦାୟ

**ରାଷ୍ଟ୍ରୀୟ ଲୋକ ଅଦାଲତ**

କେନ୍ଦୁଝର,୧୧।୫(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲା ଜଜ କୋର୍ଟ, ବଡ଼ବିଲ, ହାଟଡ଼ିହୀ ଓ ତେଲକୋଇର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୧୧୩୫୯ଟି ମକଦ୍ଦମା ସମାଧାନ କରାଯାଇ ୩ କୋଟି ୭୬ ଲକ୍ଷ ୭୭ ହଜାର ୯୮୧ ଟଙ୍କା ୯୩ ପଇସା ଆଦାୟ ହୋଇଥିଲା।

ରାଷ୍ଟ୍ରୀୟ ଲୋକ ଅଦାଲତ ଗୁଡିକରେ ପ୍ରାକ ବ୍ୟାଙ୍କ ମକଦ୍ଦମା ୯୧ଟି ମାମଲାର ସମାଧାନ ହୋଇ ୩୫ଲକ୍ଷ ୬୧ହଜାର ୩୦୦ ଟଙ୍କା, ପ୍ରାକ ବିଏସଏନଏଲ ମକଦ୍ଦମା ୧୨ଟି ସମାଧାନ ହୋଇ ୭୦ହଜାର ୧୧୧ ଟଙ୍କା, ମୋଟର ଯାନ ଦୁର୍ଘଟଣା ୨୬ଟି ମାମଲାର ସମାଧାନ ହୋଇ ୧ କୋଟି ୩ ଲକ୍ଷ ୨୫ ହଜାର, ରାଜସ୍ୱ ମକଦ୍ଦମା ୧୧୦୦୨ ଟି ସମାଧାନ ହୋଇ ୫ଲକ୍ଷ ୨୭୫ ଟଙ୍କା, ଦେୱାନୀ ମକଦ୍ଦମା ୫୧ଟି ସମାଧାନ ହୋଇ ୧କୋଟି ୪୦ଲକ୍ଷ ୮୬ ହଜାର ୬୫୭ ଟଙ୍କା ୯୩ ପଇସା, ଫୌଜଦାରୀ ୧୦୦ ଟି ମାମଲାର ସମାଧାନ ହୋଇ ୮୧ଲକ୍ଷ ୯୯ହଜାର ୬୩୮ ଟଙ୍କା, ପରିବାର ଅଦାଲତରେ ୮ଟି ମାମଲା ଫଇସଲା ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଲୋକ ଉପଯୋଗୀ ସେବାର ମୋଟ ୬୮ଟି ମକଦ୍ଦମା ଫଇସଲା ହୋଇ ୯ଲକ୍ଷ ୩୫ହଜାର ଟଙ୍କା, ଖାଉଟି ଅଦାଲତର ମୋଟ ୧ଟି ମକଦ୍ଦମାର ଫଇସଲା ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକ ଅଦାଲତକୁ ଜିଲା ଜଜ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ଅଶୋକ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଇଂ. ବିଘ୍ନେଶ୍ୱର ରାଓ, ଭାରପ୍ରାପ୍ତ ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ରେଜିଷ୍ଟ୍ରାର ଶଶ୍ମିତା ମିଶ୍ର, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଶିବାନୀ ମହାପାତ୍ର, ଅମ୍ବିକେଶ ପାଣିଗ୍ରାହୀ, ଆଦ୍ୟାଶା ମିଶ୍ର ନିଜ ନିଜ କୋର୍ଟଗୁଡ଼ିକରେ ମକଦ୍ଦମା ପରିଚାଳନା କରିଥିବାବେଳେ ପ୍ରାଧିକରଣର ସଚିବ ମାମି ବେହେରା ସମସ୍ତ କୋର୍ଟ ପରିଚାଳନା ଭାର ଓ ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳି ଥିଲେ।

## ବିଭିନ୍ନ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର

ଚମ୍ପୁଆ,୧୧।୫ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଯେତିକି ବଢୁଛି ପ୍ରାର୍ଥୀମାନଙ୍କ ପ୍ରଚାର ସେତିକି ଜୋରରେ ଚାଲିଛି। ଶନିବାର ବିଜେଡି ପ୍ରାର୍ଥୀ ସନାତନ ମହାକୁଡ ଚନ୍ଦ୍ରଶେଖରପୁର, କରଞ୍ଜିଆ, ସରେଇ ଓ ବଡ଼ନଇ ପଞ୍ଚାୟତରେ ପ୍ରଚାର କରିଛନ୍ତି। ଅନେକ ହଜାର ସମର୍ଥକ ଗ୍ରହଣରେ ବିଜେଡିର ଆଭିମୁଖ୍ୟକୁ ନେଇ ଭୋଟ ଭିକ୍ଷା କରୁଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ଡ. ମୁରଲୀ ମନୋହର ଶର୍ମା ଶତାଧିକ କର୍ମୀଙ୍କ ସହ ଚମ୍ପୁଆ ସଦର ମହକୁମାରେ ନିଜ କାର୍ଯ୍ୟାଳୟ ଉଦଘାଟନ କରି କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ନେତା ମହେଶ୍ୱର ସାହୁ, ସଂଖ୍ୟାଲଘୁ ସଭାପତି ମହତାବ ଆଲାମ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

## ବିରିଡ଼ିହାରେ ଜଳ ସଙ୍କଟ

ଆନନ୍ଦପୁର,୧୧।୫ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଗ୍ରାମରେ ଜଳ ସଙ୍କଟ ଦେଖାଯାଇଛି। ଗାଁରେ ଥିବା ଓଭରହେଡ୍ ପାଣିଟାଙ୍କିରୁ ଗାଁକୁ ପାଇପ ମାଧ୍ୟମରେ ଛଡ଼ାଯାଉଥିବା ବେଳେ ୧୦ ମିନିଟ ମଧ୍ୟରେ ଟାଙ୍କିରୁ ପାଣି ସରିଯାଉଛି। ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। କଣ୍ଟିପାଳ ପଞ୍ଚାୟତର ବିରିଡ଼ିହା ଗ୍ରାମରେ ୪୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗତ ୫ ବର୍ଷ ହେବ ବସୁଧା ଯୋଜନାରେ ଓଭରହେଡ୍ ପାଣିଟାଙ୍କିରୁ ଗାଁର ଘର ଘରକୁ ପାଇପ ମାଧ୍ୟମରେ ପାଣି ଯୋଗାଣ ହେଉଛି। ଆଗରୁ ଲୋକେ ଅଧ ଘଣ୍ଟାଏ ପାଣି ପାଉଥିବା ବେଳେ ଆବଶ୍ୟକ ଅନୁଯାୟୀ ପାଣି ସଂଗ୍ରହ କରି ରଖୁଥିଲେ। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ହେତୁ ଜଳ ସଙ୍କଟ ଦେଖିବାକୁ ମିଳିଛି। ସକାଳୁ ଟ୍ୟାପ ପାଣି ଛାଡ଼ିବାର ୧୦ ମିନିଟ୍ ଭିତରେ ଟାଙ୍କିରୁ ପାଣି ସରିଯାଉଛି। ଗ୍ରାମବାସୀ ବାଧ୍ୟହୋଇ ନଳକୂପରୁ ବାହାରୁଥିବା ନାଳିଆ ପାଣି ବ୍ୟବହାର କରୁଛନ୍ତି। ବିଭାଗୀୟ ଅଧିକାରୀ ଉଦୟନାଥ ହେମ୍ବ୍ରମ କହିଛନ୍ତି, ସେ ସରପଞ୍ଚଙ୍କ ସହ କଥା ହୋଇ ଖୁବ୍‌ଶୀଘ୍ର ପାଣିଟାଙ୍କି ବ୍ୟବସ୍ଥା କରିବେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

ପାଟଣା,୧୧।୫ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପଶି ପଞ୍ଚାୟତ କୁମୁଳାବାହାଳୀ ଗ୍ରାମର ଜଣେ ବୃଦ୍ଧାଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ରଜନୀ ବେଷ୍ଟକାର(୭୦)। ଶୁକ୍ରବାର ବିଳମ୍ବିତ ରାତିରେ ରଜନୀଙ୍କ ଡାହାଣ ହାତକୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପଳାଶପଙ୍ଗା-ବାମେବାରି ରାସ୍ତା ମରଣଯନ୍ତା

**ବେଆଇନ ପାର୍କିଂ ବଢ଼ାଉଛି ଟ୍ରାଫିକ୍ ସମସ୍ୟା**

କେନ୍ଦୁଝର,୧୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)



ରସ୍ତାରେ ଛିଡ଼ା ହୋଇଥିବା ଖଣିଜ ବୋଝେଇ ଗାଡ଼ି।

କେନ୍ଦୁଝର ଜିଲାର ଜୀବନରେଖା ସଦୃଶ ପଳାଶପଙ୍ଗା ବାମେବାରି ରାସ୍ତା ମରଣଯନ୍ତା ପାଲଟିଛି। ଖାଲଖମା ରାସ୍ତାରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବାରେ ସମସ୍ୟା ହେଉଥିବା ବେଳେ ବେଆଇନ ପାର୍କିଂରେ ଜରୁରୀକାଳିନ ଗାଡ଼ି ଫସିରହୁଛି। ଧୂଳିଧୂଆଁରେ ସ୍ଥାନୀୟ ଲୋକେ ଅତିଷ୍ଠ ହେଉଥିବା ବେଳେ ଅଭିଯୋଗ କଲେ କେହି କର୍ଣ୍ଣପାତ କରୁନାହାନ୍ତି।

ସୂଚନା ମୁତାବକ, କିଡ୍‌କୋ(କେନ୍ଦୁଝର ଭିତ୍ତିଭୂମି ବିକାଶ କମ୍ପାନୀ) ଦ୍ୱାରା ୧୫ ବର୍ଷ ପୂର୍ବେ ରାସ୍ତାରେ ଆଣ୍ଠୁଏ ବହଳର କଂକ୍ରିଟ ଓ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରୁ ପିଚୁ, କଂକ୍ରିଟ ଉଠି ବିଛାଡି ହୋଇପଡ଼ିଛି। ପ୍ରତ୍ୟେକ ଦିନ ଅନେକ ହଜାର ଟ୍ରକ୍, ହାଇୱା, ଟ୍ରେଲର ରାସ୍ତା ଦେଇ ଯାତାୟାତ କରୁଥିବାରୁ ରାସ୍ତା ମଝିରେ ମଝିରେ ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାଟି ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ଶହ ଗାଡ଼ି ରାସ୍ତାରେ ଅଟକି ଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ରାସ୍ତା ଉପରେ ନିର୍ଭରଶୀଳ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ ଯୋଗୁ ଧୂଳି ଧୂଆଁ ପ୍ରଦୂଷଣ ବ୍ୟାପୁଛି। ଘରବାଡ଼ି, ଜଳାଶୟରେ ପଡୁଛି। ଧୂଳି ଝଡ଼ରେ ଆଖପାଖ ଅଞ୍ଚଳ ଧୂଳିମୟ ହୋଇଯାଉଛି। ସାଇକେଲ, ମୋଟର ସାଇକେଲ ଆରୋହୀ ଓ ପାଦରେ ଚାଲି ଯାଉଥିବା ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବାବେଳେ ଧନ ଜୀବନ ନଷ୍ଟ ହେଉଛି। ବିଶେଷକରି ନୟାଗଡ଼ଠାରୁ କାଳୀମାଟି ୪ କି.ମି. ରାସ୍ତାରେ ଦିନ ରାତି ମାଲ ବୋଝେଇ ଟ୍ରକ୍, ଟିପ୍ପର, ହାଇୱା, ଟ୍ରେଲର ଆଦି ଭାରିଯାନ ସ୍ଥାନୀୟ ପ୍ଲାଣ୍ଟରେ ଖାଲି କରିବା ପାଇଁ ୪ ଲାଇନ୍ ଗାଡି ଠିଆ କରି ରାସ୍ତା ଅବରୋଧ କରୁଛନ୍ତି। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଥିବାରୁ ଆମ୍ବୁଲାନ୍ସ, ଦମକଳ ଓ ଏମରଜେନ୍ସି ଗାଡ଼ିଗୁଡ଼ିକୁ ମଧ୍ୟ ରାସ୍ତା ଛାଡୁ ନ ଥିବା ଦେଖିବାକୁ ମିଳୁଛି। ଏ ରାସ୍ତା ଜାମ ପାଇଁ ହାତୀମରା, ନୟାଗଡ଼, ବସନ୍ତପୁର, ଦବୁନା, କାଇଯୋଡ଼ା, ଧାତିକା, ମଲଦା, କଣ୍ଡରାପଶି, ଧର୍ନୁଜୟପୁର କାଳୀମାଟି ଆଦି ଗ୍ରାମର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଏ ରାସ୍ତାର ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରାଯାଇଛି। ଟ୍ରାଫିକ ସମସ୍ୟା ଦୂରକରିବା, ରାସ୍ତାକୁ ତୁରନ୍ତ ପିଚୁ କିମ୍ବା କଂକ୍ରିଟ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଭାଜପା, ବିଜେଡି କୃଷକଙ୍କ ବିନାଶ କରୁଛନ୍ତି: କଂଗ୍ରେସ

କେନ୍ଦୁଝର,୧୧।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା ଓ ବିଜେଡି ସରକାର କୃଷି ଓ କୃଷକଙ୍କ ବିନାଶ କରୁଛନ୍ତି। କୃଷି ମାରଣ ନୀତି ଯୋଗୁ କୃଷକ ଉପଯୁକ୍ତ ଗୁରୁତ୍ୱ ପାଉନାହାନ୍ତି ବୋଲି କେନ୍ଦୁଝର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ ଏକ ପ୍ରେସ ବିବୃତ୍ତିରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଅକ୍ଷୟ ତୃତୀୟା ଅବସରରେ ଝୁମ୍ପୁରା ବ୍ଲକ୍‌ର ପୈତୃକ ଗ୍ରାମ ରସବନ୍ତଲାଠାରେ ଗ୍ରାମବାସୀଙ୍କ ସହ ଅଖିମୁଠି ଅନୁକୂଳ କରିଥିଲେ। ପରେ ବିଗତ ଦିନରେ କଂଗ୍ରେସ ସରକାର ଚାଷୀଙ୍କ ଋଣ ଛାଡ କରିବା ସହିତ ଚାଷ ଜମିକୁ ଜଳସେଚନ ପାଇଁ ଡ୍ୟାମ, ବ୍ୟାରେଜ, ଆନିକଟ ଓ ଲିଫ୍ଟ ଇରିଗେସନ ପ୍ରକଳ୍ପ ନିର୍ମାଣ କରିଥିଲା। କୃଷକଙ୍କ ପାଇଁ ଫସଲ ବିମା, ସ୍ୱାସ୍ଥ୍ୟ ବୀମା ଆଦି କଂଗ୍ରେସ ସରକାର ପ୍ରଚଳନ କରିଥିଲା। ହରିତ କ୍ରାନ୍ତି ଭଳି ପଦକ୍ଷେପ ଗ୍ରହଣ କରିଥିଲା। କୃଷି ବିଶ୍ୱ ବିଦ୍ୟାଳୟ, ଗବେଷଣା କେନ୍ଦ୍ର ଓ ଶୀତଳ ଭଣ୍ଡାର ମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ କେନ୍ଦ୍ରର ଭାଜପା ସରକାର ୧୦ ବର୍ଷ ଓ ରାଜ୍ୟରେ ବିଜେଡି ସରକାର ୨୪ ବର୍ଷରେ କୃଷି ଓ କୃଷକମାନଙ୍କ ପାଇଁ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। କଳା କୃଷି ଆଇନ ପ୍ରଣୟନ କରି ଚାଷୀଙ୍କଠାରୁ ଜମି ଓ ଫସଲ ପୁଞ୍ଜିପତିଙ୍କ ହାତକୁ ଟେକିଦେବାର ପ୍ରୟାସ ଚାଲିଛି। ଏହାକୁ କଂଗ୍ରେସ ଦଳ କେବେ ବି ସଫଳ କରାଇ ଦେବ ନାହିଁ। ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ ସରକାରକୁ ଆସିଲେ କୃଷି ଋଣ ଛାଡ଼ ହେବା ସହିତ ଧାନ କ୍ୱିଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷକଙ୍କ ପାଇଁ ମାସିକ ପେନସନ ୨୦୦୦ ଏବଂ ବିଜୁଳି ବିଲ ଛାଡ ନେଇ କଂଗ୍ରେସ ଇସ୍ତାହାରରେ ଥିବା କଂଗ୍ରେସ ପ୍ରାର୍ଥୀ ନାଏକ ପ୍ରକାଶ କରିଥିଲେ।

